ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1195/02-02-2021**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୦୨ ଫେବୃଆରୀ,୨୦୨୧**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ବିଶ୍ୱ ଆର୍ଦ୍ରଭୂମି ଦିବସ ଅବସରରେ କହିଛନ୍ତି ଯେ ଆର୍ଦ୍ରଭୂମିଗୁଡ଼ିକ ଅଙ୍ଗାରକାମ୍ଳ ବାଷ୍ପ ଓ ପ୍ରଦୂଷଣ ହ୍ରାସ ସହ ସ୍ୱଚ୍ଛଜଳର ଉତ୍ସ ଭାବେ କାର୍ଯ୍ୟ କରିଥାଏ ଏବଂ ଆମ ଜୈବବିବିଧତାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ଆମର ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ସହ ଚିଲିକା ଓ ଭିତରକନିକା ପରି ଆମର ମୂଲ୍ୟବାନ ରାମସାର ସ୍ୱୀକୃତ ସ୍ଥାନଗୁଡ଼ିକର ସଂରକ୍ଷଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା କୋଭିଡ୍ ଯୋଦ୍ଧା ଓ ଫଳପ୍ରଦ ପରିଚାଳନା ଯୋଗୁଁ କୋଭିଡ୍-୧୯ ବିରୁଦ୍ଧ ସଂଗ୍ରାମରେ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସମସ୍ତ ଜିଲ୍ଲା ଗ୍ରୀନ୍ ଜୋନ୍‌ରେ ରହିଛି ଏବଂ ରୋଗୀ ସଂଖ୍ୟା ୧୦୦୦ରୁ କମ୍ ରହିଥିବାବେଳେ ଆମ ରାଜ୍ୟ ମୃତ୍ୟୁ ସଂଖ୍ୟା କ୍ଷେତ୍ରରେ ଦେଶରେ ନ୍ୟୁନତମ ସ୍ଥାନରେ ରହିଛି ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ପରବର୍ତ୍ତୀ ପରିସ୍ଥିତିରେ କେନ୍ଦ୍ରର ଏହା ପ୍ରଥମ ବଜେଟ୍ ଏବଂ ଏହି ବଜେଟ୍ ଅନେକ ନୂତନ ଆହ୍ୱାନକୁ ସମାଧାନ କରିବ ବୋଲି ଆଶା କରାଯାଏ । ବିକାଶ ନିମନ୍ତେ ପୁଂଜିନିବେଶ ଉପରେ ଧ୍ୟାନ ଏବଂ ଉନ୍ନୟନମୂଳକ ଆର୍ଥିକ ସଂସ୍ଥାଗୁଡ଼ିକର ପୁନଃପ୍ରଚଳନ ଆଦି ବଜେଟ ୨୦୨୧ରେ ଥିବା ସକାରାତ୍ମକ ଦିଗ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନ୍ୟ ସକାରାତ୍ମକ ଦିଗଗୁଡ଼ିକ ମଧ୍ୟରେ କୋଭିଡ୍-୧୯ ଟୀକା ପାଇଁ ପାଣ୍ଠି ପ୍ରବର୍ତ୍ତନ, ବିକାଶକୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜକୋଷୀୟ କ୍ଷତି ଭରଣା ପାଇଁ ଦୃଢ଼ ପଦକ୍ଷେପ, 'ଆତ୍ମନିର୍ଭର ଭାରତ' ପାଇଁ ମଧ୍ୟମ ଓ ଦୀର୍ଘମିଆଦି ଲକ୍ଷ୍ୟ ଏବଂ ଶିଳ୍ପ ତଥା ସ୍ୱତନ୍ତ୍ର କ୍ଷେତ୍ରଗୁଡ଼ିକ ପାଇଁ ବିଭିନ୍ନ ପଦକ୍ଷେପ ରହିଛି । ବ୍ୟୟବରାଦ ସହିତ ସମତୁଲତା ରହିପାରିଲେ ଏସବୁ ଆଶା ସଂଚାର କରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ରୀୟ ଟିକସ ଅଂଶଧନରେ ବଡ଼ ଧରଣର ହ୍ରାସ ଯୋଗୁଁ ଚଳିତ ଆର୍ଥିକ ବର୍ଷରେ ଓଡ଼ିଶା ବ୍ୟାପକ ଭାବେ ପ୍ରଭାବିତ ହେବା ସହ ୧୦,୮୪୦ କୋଟି ଟଙ୍କା ହରାଇବ । ପଞ୍ଚଦଶ ଅର୍ଥ କମିଶନର ସୁପାରିଶ ଅନୁଯାୟୀ ସମାନ୍ତରାଳ ଅଂଶଧନ ୪.୬୨୯ ପ୍ରତିଶତରୁ ୪.୫୨୮

ପ୍ରତିଶତକୁ ହ୍ରାସ ପାଇବା ଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତି ସହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଯୋଜନା କରାଯାଇଥିବାବେଳେ ଓଡ଼ିଶାରେ ମଧ୍ୟ ଉଭୟ ରେଳପଥ ଓ ରାଜପଥ କ୍ଷେତ୍ରରେ ପୁଂଜିନିବେଶର ବ୍ୟାପକ ଆବଶ୍ୟକତା ରହିଛି । ସାମାଜିକ ସହାୟତା କାର୍ଯ୍ୟକ୍ରମଗୁଡ଼ିକ ପାଇଁ ପାଣ୍ଠି ବୃଦ୍ଧି ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକୁ ପ୍ରଚୁର ପାଣ୍ଠି ହସ୍ତାନ୍ତରଣର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ  କହିଛନ୍ତି ଯେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ସେସ୍‌ର ପ୍ରଚଳନ କରି ରାଜସ୍ୱ ଆଦାୟକୁ କେନ୍ଦ୍ରୀଭୂତ କରିବା ଫଳରେ କେନ୍ଦ୍ର-ରାଜ୍ୟ ଆର୍ଥିକ ସନ୍ତୁଳନ ଦୁର୍ବଳ ହେବ । ମହିଳା, କୃଷକ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକୁ ଉତ୍ତରଦାୟୀ କରିବାକୁ ହେବ । ଓଡ଼ିଶା ପରି ଚଳିତ ବର୍ଷ ଡିଜିଟାଲ୍ ମାଧ୍ୟମରେ କେନ୍ଦ୍ର ବଜେଟ୍ ୨୦୨୧ର ଉପସ୍ଥାପନ କରାଯାଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ  ବଜେଟ୍ ୨୦୨୧ରେ ମହିଳା ସଶକ୍ତିକରଣ ନିମନ୍ତେ ମିଶନ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶାର ପ୍ରମୁଖ ଯୋଜନା 'ମମତା'କୁ ୨୦୧୧-୧୨ଠାରୁ କେନ୍ଦ୍ର ସରକାର ଗ୍ରହଣ କରିଥିବାବେଳେ, ମିଶନ ଶକ୍ତି ଜାତୀୟସ୍ତରରେ ଓଡ଼ିଶାର କୀର୍ତ୍ତିମାନକୁ ସୂଚିତ କରୁଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ  କହିଛନ୍ତି ଯେ ମମତା ଯୋଜନା ଓ ମିଶନ ଶକ୍ତି ପରେ ଲୋକସଭା ଓ ରାଜ୍ୟ ବିଧାନସଭାମାନଙ୍କରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଏକ ଯୁକ୍ତିଯୁକ୍ତ ପଦକ୍ଷେପ ହେବ । ସେ ଏ ଦିଗରେ ରାଜ୍ୟର ସଂଗ୍ରାମକୁ ଦୋହରାଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ  ଗୁଣାତ୍ମକ ମାନକ ପାଇଁ ପୁରୀ ଜିଲ୍ଲାର ୪ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣପତ୍ର ପାଇଥିବାରୁ ପୁରୀ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ପ୍ରମାଣନ ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବ ଏବଂ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା'ର ଲକ୍ଷ୍ୟକୁ ସାକାର କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୭,୫୧,୪୮୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୫,୨୧୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୨,୨୩୯ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୦୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧,୦୧୩ ରହିଛି ।
- ୧,୦୧୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

‘ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ’